# ବର୍ଷାଶ୍ରିତ ଢିପ ଜମି ଧାନ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା

ପ୍ରକାଶ ଚନ୍ଦ୍ର ରଥ



ଭାରତରେ ଧାନ ଚାଷ ବିବିଧ ପରିବେଶିକ ପରିସ୍ଥିତି ରେ କରାଯାଇଥାଏ । ଉଦାହରଣ ସ୍ୱରୂପ କେରଳ ରେ ଜମି ଗୁଡିକ ସମୁଦ୍ର ପତ୍ତନ ଠାରୁ ତଳେ ରହିଥିବା ବେଳେ, ହିମାଚଳ ପ୍ରଦେଶ ଓ ଜାମ୍ମୁ-କାଶ୍ମୀର ଭଳି ରାଜ୍ୟରେ, ଜମି ଗୁଡିକ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୩୦୦୦ ମି. ଉଚ୍ଚତା ରେ ଅବସ୍ଥିତ। ବର୍ଷାଶ୍ରିତ ଢିପ ଜମି ଗୁଡିକରେ ପାଣି ଜମି ରହେ ନାହିଁ, ଏଣୁ ଏଭଳି ଜମି ଗୁଡିକରେ ହେଉଥିବା ଧାନ ଚାଷ ମରୁଡି ଦ୍ୱାରା ପ୍ରଭାବିତ ହେବାର ଅନେକ ଆଶଙ୍କା ରହିଥାଏ।  ଭାରତରେ ପ୍ରାୟ ୬୦ ଲକ୍ଷ ହେକ୍ଟର ଜମି ବର୍ଷାଶ୍ରିତ ଢିପ ଜମି ଅନ୍ତର୍ଗତ ଯାହା ଦେଶର ଚାଷୋପଯୋଗୀ ଜମି ର ପ୍ରାୟ ୧୩.୫% ଅଟେ ଓ ଏଥିରୁ ହେଉଥିବା ଉତ୍ପାଦନ ଦେଶର ସମ୍ପୂର୍ଣ ଉତ୍ପାଦନ ର ପ୍ରାୟ ୭% ଅଟେ। ଏହିଭଳି ଜମି ମୁଖ୍ୟତଃ ପୂର୍ବ ଭାରତୀୟ ରାଜ୍ୟ ଯଥା ଆସାମ, ବିହାର, ଛତିଶଗଡ଼, ପୂର୍ବ ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଓଡିଶା, ପଶ୍ଚିମବଙ୍ଗ ଏବଂ ପୂର୍ବୋତ୍ତର ପାହାଡିଆ ରାଜ୍ୟ ଗୁଡିକରେ ରହିଅଛି ।

ବର୍ଷାଶ୍ରିତ ଢିପ ଜମିରେ ମାଟି ଗଡାଣିଆ ରହିଥାଏ ଓ ଏଠାରେ ବର୍ଷକୁ ଥରେ ମାତ୍ର ଧାନ ଫସଲ କରାଯାଇଥାଏ । ଏହି ଜମି ଗୁଡିକରେ ଉର୍ବର ମୃତ୍ତିକାର ଗଭିରତା କମ ରହିଥାଏ ଓ ଅମ୍ଳୀୟତା ମଧ୍ୟ ବେଶୀ ରହିଥାଏ । ଭାରତରେ ଏଭଳି ଜମିରେ ଚାଷ କରୁଥିବା ଲୋକ ମାନେ ମୁଖ୍ୟତଃ ନିମ୍ନ ଉପାର୍ଜନ ଶ୍ରେଣି ଅନ୍ତର୍ଭୁକ୍ତ। ସେମାନେ ମୁଖ୍ୟତଃ ପାରମ୍ପରିକ ବିହନ ବ୍ୟବହାର କରିଥାଆନ୍ତି, ଥରେ ମାତ୍ର ଘାସ ବାଛନ୍ତି ଓ ଚାଷରେ ନିବେଶ ମଧ୍ୟ କମ କରିଥାଆନ୍ତି, ଯାହା ଫଳରେ ଉତ୍ପାଦନ ମଧ୍ୟ କମ ହୋଇଥାଏ ।

ବର୍ଷାଶ୍ରିତ ଢିପ ଜମି ଧାନ ଚାଷ ପାଇଁ ଅନେକ ଜୈବିକ ଓ ଅଜୈବିକ ବାଧକ ରହିଛନ୍ତି। ଅନାବନା ଘାଷ ଏହି ବାଧକ ମାନଙ୍କ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ ଯାହା ଶତକଡା ୨୦% ଫସଲ କ୍ଷୟ ପାଇଁ ଦାୟୀ। ସେହିଭଳି ଭାବରେ ରୋଗ ଓ ପୋକ ମଧ୍ୟ ଶତକଡା ୧୫-୨୦% ଫସଲ କ୍ଷୟ ପାଇଁ ଦାୟୀ ।



ପତ୍ର ଉପରେ ଗନ୍ଧି ପୋକ

ହିସାବ କରି ଦେଖା ଯାଇଛି ଯେ ଆଇ.ପି.ଏମ. ଅବଲମ୍ବନ ଦ୍ୱାରା ପ୍ରତି ହେକ୍ଟର ଅଧିକ ୧୨୦୦୦/- ଟଙ୍କା ଉପାର୍ଜନ କରାଯାଇପାରିବ ।

ବର୍ତ୍ତମାନ ଅଧିକ ଲାଭ ପାଇବା ଆଶାରେ, ଅଧିକ ଅମଳକ୍ଷମ ଧାନ ବିହନ ଲଗା ଯାଉଛି । ପାରମ୍ପରିକ କୃଷି କୌଶଳ ଗୁଡିକ ମଧ୍ୟ ଲୋପ ପାଇବାରେ ଲାଗିଛି । ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର, କୀଟନାଶକ ଆଦି ପୋକ ଗୁଡିକର ସଂଖ୍ୟାକୁ ବହୁଳ ଭାବରେ ପ୍ରଭାବିତ କରିଥାଏ । ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ ପଦ୍ଧତି ଦ୍ୱାରା ବର୍ଷାଶ୍ରିତ ଢିପ ଜମିରେ ସଫଳତା ସହିତ ରୋଗ ପୋକ ନିୟନ୍ତ୍ରଣ କରାଯାଇପାରିବ ।



ଗନ୍ଧି ପୋକ ଦ୍ୱାରା ଆକ୍ରାନ୍ତ



ଉଇ ଦ୍ୱାରା ଆକ୍ରାନ୍ତ



ଉଇ



ସାଇନୋଡନ ଡକଟାଇଲନ



ସାଇପ୍ରସ ରୋଟଣ୍ଡସ

ବର୍ଷାଶ୍ରିତ ଢିପ ଜମି ଧାନ ପାଇଁ
ସମନ୍ୱିତ ରୋଗ ପୋକ ପରିଚାଳନା

ବିଷୟବସ୍ତୁ ପ୍ରସ୍ତୁତି ଅବଦାନ : ପ୍ରକାଶ ଚନ୍ଦ୍ର ରଥ, ଅରବିନ୍ଦ ମହାନ୍ତି, ଏନ.ଏନ. ଜାମ୍ବୁଲକର, ସଞ୍ଜୟ ସାହା, ଲୋଟନ କୁମାର ବୋଷ, ହଟନାଥ ସୁବୁଦ୍ଧି, ମିରା କୁମାରୀ କର, କୃଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ଜିତେନ୍ଦ୍ରିୟ ମେହେର, ଶ୍ରୀକାନ୍ତ ଲେଙ୍କା,  ତୋତନ ଆଦକ, କେ ଶଙ୍କରି ମୀନା, ନବୀନ କେ. ପାଟିଲ, ବସନା ଗୌଡା ଜି., ଗୁରୁପ୍ରସନ୍ନ ପାଣ୍ଡୀ  ଜି., ଅନ୍ନାମଲାଇ ଏମ., ମାନସ କୁମାର ବାଗ, ପ୍ରଭୁକାର୍ଥୀକେୟନ ଏସ. ଆର., ଏମ. ଏସ. ବାଇଟେ, ମନୋଜ କୁମାର ଯାଦବ, ଅରବିନ୍ଦନ ଏସ, ରଘୁ ଏସ

ଏନ.ଆର.ଆର.ଆଇ. ବୈଷୟିକ ଇସ୍ତହାର - ୧୪୦
ସର୍ବସ୍ୱତ୍ୱ ସଂରକ୍ଷିତ: ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ – ୨୦୨୦
ସମ୍ପାଦନା ଓ ପୃଷ୍ଠବିନ୍ୟାସ : ପ୍ରକାଶ ଚନ୍ଦ୍ର ରଥ ଏବଂ ସନ୍ଧ୍ୟା ରାଣୀ ଦଲାଲ
ଓଡ଼ିଆ ରୂପାନ୍ତର : ଅରବିନ୍ଦ ମହାନ୍ତି; ଫୋଟୋ : ପ୍ରକାଶ ଚନ୍ଦ୍ର ରଥ

Laser typeset at the National Rice Research Institute, Indian Council of Agricultural Research, Cuttack (Odisha) 750 006, India and printed at Print-Tech Offset Pvt. Ltd. Bhubaneswar. Published by The Director, for the National Rice Research Institute, Cuttack (Odisha) 753 006.

ଅନାବନା ଘାସ ଛଡା  ଉଇ, ଗନ୍ଧିପୋକ, କାଣ୍ଡବିନ୍ଧା ପୋକ, କୃମି, ମହିଷା ରୋଗ ଓ ପତ୍ରଚିତା ରୋଗ ଜୈବିକ ବାଧକ ମଧ୍ୟରୁ ଅନ୍ୟତମ, ତା'ଛଡା ମୂଷା, କୃମି ଓ ଚଢେଇ ମଧ୍ୟ ଅନେକ ସମୟରେ ଫସଲ କ୍ଷୟ ର କାରଣ ହୋଇ ଥାଆନ୍ତି। ରାସାୟନିକ ସାର ଓ କୀଟ ନାଶକ ବ୍ୟବହାର ଦ୍ୱାରା ଧାନ ଫସଲର ଅବିରତ ଉନ୍ନତି ବାଧା ପ୍ରାପ୍ତ ହେବାର ଆଶଙ୍କା ଦେଖା ଦେଇଛି। ତେଣୁ ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ ମାଧ୍ୟମରେ ଧାନ ଚାଷ ର ସ୍ଥାୟୀ ବିକାଶ କରାଯାଇ ପାରିବ।




ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ ସମନ୍ୱିତ ରୋଗ ପୋକ ପରିଚାଳନା (ଆଇ ପି ଏମ) ର ଅର୍ଥ ହେଉଛି; ରୋଗ ପୋକ ନିୟନ୍ତ୍ରଣ ର ସମସ୍ତ ସାଧନ ପ୍ରତି ବିଚାରଶୀଳ ହେବା ପରେ ଯଥା ସମ୍ଭବ କମ ମାତ୍ରା ରେ ରାସାୟନିକ କୀଟନାଶକ ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ଯାହା ଫଳରେ କି ମାନବ ସ୍ୱାସ୍ଥ୍ୟ ଉପରେ କୌଣସି ହାନିକାରକ ପ୍ରଭାବ ପଡିବ ନାହିଁ। ସମନ୍ୱିତ ରୋଗ ପୋକ ପରିଚାଳନା ପ୍ରାକୃତିକ ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ, ଯାହା ଫଳରେ ପରିବେଶ ଉପରେ ଅତି କମ ପ୍ରଭାବ ପଡିଥାଏ । କେବଳ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଦ୍ୱାରା ନୁହେଁ ବରଂ ଚାଷୀ ମାନଙ୍କୁ ପ୍ରଶିକ୍ଷିତ କରିବା ଦ୍ୱାରାହିଁ ଏହା ସଫଳତା ପ୍ରାପ୍ତ କରିଥାଏ ।

ବର୍ତ୍ତମାନ ଦେଶରେ ଧାନ ଚାଷ ହେଉଥିବା ୧୪୩୦ ଲକ୍ଷ ହେକଟର ଜମି ମଧ୍ୟରୁ ମାତ୍ର ୧% ଜମିରେ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରାଯାଉଛି । ଜମିର ଅବସ୍ଥିତି ଅନୁସାରେ ଆଇ.ପି.ଏମ. ପଦ୍ଧତି ରେ କିଛି ମାତ୍ରାରେ ପରିବର୍ତ୍ତନ ଆଣିବାକୁ ପଡିଥାଏ । ବିଭିନ୍ନ ପରୀକ୍ଷଣ ମାଧ୍ୟମରେ ଦେଖା ଯାଇଛି ଯେ ଆଇ.ପି.ଏମ. ଅବଲମ୍ବନ ଦ୍ୱାରା ରାସାୟନିକ କୀଟନାଶକ ବ୍ୟବହାରକୁ କମ କରାଯାଇପାରିବ ତଥା ଫସଲ ଉତ୍ପାଦନ ମଧ୍ୟ ବଢ଼ା ଯାଇ ପାରିବ ।










ଜାତୀୟ ଧାନ ଗବେଷଣା କେନ୍ଦ୍ର ଦ୍ୱାରା କଟକ ଜିଲ୍ଲା ଚାଷୀମାନଙ୍କ ବର୍ଷାଶ୍ରିତ ଢିପ ଜମିରେ ଆଇ.ପି.ଏମ. ପଦ୍ଧତିର ବିକାଶ ତଥା ବିଧିମାନ୍ୟ କରାଯାଇଛି । ବର୍ଷ ୨୦୧୧-୨୦୧୨ ମସିହାରେ କରାଯାଇଥିବା ଏହି ଗବେଷଣା ଦ୍ୱାରା ଦେଖାଯାଇଛି ଯେ କାରବେଣ୍ଡାଜ଼ୀମ ୫୦ ଡବ୍ଲୁ.ପି. (ବାଭିଷ୍ଟିନ)କୁ ୨ ଗ୍ରାମ ପ୍ରତି କି.ଗ୍ରା. ବିହନ ବ୍ୟବହାର କରି ମହିଷାରୋଗ, କ୍ଲୋରୋପାଇରିଫସ ୨୦ ଇସି (ହିଲବନ)କୁ ୭ ମି. ଲି. ପ୍ରତି କି.ଗ୍ରା. ବିହନ ବ୍ୟବହାର କରି ଉଇ, ହେକ୍ଟର ପ୍ରତି ୧.୫ ଲି. ପ୍ରିଟୀଲାକ୍ଲର ୫୦ ଇସି (ରିଫିଟ) ବ୍ୟବହାର ଦ୍ୱାରା ଅନାବନା ଘାଷ, ଟ୍ରାଇକୋକାର୍ଡ (୧୦୦୦୦୦ ଟ୍ରାଇକୋଗ୍ରାମା ପ୍ରତି ହେକ୍ଟର) ଏବଂ ଫେରୋମୋନ ଟ୍ରାପ ବ୍ୟବହାର ଦ୍ୱାରା ହଳଦିଆ କାଣ୍ଡବିନ୍ଧା ପୋକ ତଥା କ୍ଲୋରୋପାଇରିଫସ ୨୦ ଇସି (ହିଲବନ)କୁ ୧.୨୫ ଲି. ପ୍ରତି ହେକ୍ଟର ବ୍ୟବହାର ଦ୍ୱାରା କାଣ୍ଡବିନ୍ଧା, ଗନ୍ଧି ପୋକ, ଉଇ, ମହିଷା ରୋଗ କୁ ସଫଳତା ସହିତ ନିୟନ୍ତ୍ରଣ କରାଯାଇ ପାରିବ । ଆଇ.ପି.ଏମ. ଦ୍ୱାରା କାଣ୍ଡବିନ୍ଧା, ଉଇ, ଗନ୍ଧି ପୋକ ଆଦିକୁ ପାଖାପାଖି ୫୦% ପର୍ଯ୍ୟନ୍ତ କମ କରାଯାଇପାରିବ । ବର୍ଷ ୨୦୧୦ ଓ ୨୦୧୧ ରେ ଆଇ.ପି.ଏମ. ପଦ୍ଧତି ଅନୁସରଣ ଦ୍ୱାରା ଉଭୟ ଅଧିକ ଅମଳକ୍ଷମ ଧାନ (ଅଞ୍ଜଳି) ଓ କମ ଅମଳକ୍ଷମ ଧାନ (ବ୍ରାଉନ ଗୋରା) ରେ ୭୦% ଅଧିକ ଅମଳ ମିଳିଥିବା ଦେଖା ଯାଇଛି




## ବର୍ଷାଶ୍ରିତ ଢିପ ଜମି ପାଇଁ ଆଇ.ପି.ଏମ. ପଦ୍ଧତି

| ସମସ୍ୟା | ଢିପ ଜମି ଧାନ ଫସଲ ପାଇଁ ଆଇ.ପି.ଏମ. ପଦ୍ଧତି |
|---|---|
| ଅନାବନା ଘାସ | ଧାନ ବୁଣା ହେବା ଦୁଇ ଦିନ ପୂର୍ବରୁ ପ୍ରିଟୀଲାକ୍ଲର ୫୦ ଇସି (ରିଫିଟ) ପ୍ରତି ହେକ୍ଟର ୧.୫ ଲିଟର ହିସାବରେ ସିଞ୍ଚନ କରନ୍ତୁ ତଥା ଗଜା ବାହାରିବାର  ୩୦ ଦିନ ପରେ ଘାସ ବାଛନ୍ତୁ |
| ମାଇଟ | ବିହନ ବିଶୋଧନ ପାଇଁ କ୍ଲୋରୋପାଇରିଫସ ୨୦ ଇସି (ହିଲବନ) ୭ ମି.ଲି. ପ୍ରତି କି.ଗ୍ରା. ବିହନ ବ୍ୟବହାର କରନ୍ତୁ ତଥା ଆବଶ୍ୟକ ଅନୁସାରେ ଲିମ୍ବ ମିଶ୍ରିତ କାର୍ବୋଫ୍ୟୁରାନ (ଫ୍ୟୁରାଡ଼ନ) କୁ ୩୩ କିଗ୍ରା ପ୍ରତି ହେକ୍ଟର ହିସାବରେ ବ୍ୟବହାର କରନ୍ତୁ |
| ମହିଷା ରୋଗ | ବିହନ ବିଶୋଧନ ପାଇଁ  ପ୍ରତି ୧ କି.ଗ୍ରା. ବିହନ ପାଇଁ ୨ ଗ୍ରାମ କାରବେଣ୍ଡାଜିମ ୫୦ ଡବ୍ଲୁ.ପି. କୁ ବ୍ୟବହାର କରନ୍ତୁ । ୮-୧୦% ପତ୍ର ଆକ୍ରାନ୍ତ ହୋଇଥିବା ସମୟରେ କାରବେଣ୍ଡାଜିମ ୫୦ ଡବ୍ଲୁ.ପି. କୁ ଲିଟରେ ପାଣି ରେ ୨ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ |
| ପତ୍ରଚିତା ରୋଗ: | ୮-୧୦% ପତ୍ର ଆକ୍ରାନ୍ତ ହୋଇଥିବା ସମୟରେ  ମେଙ୍କୋଜେବ ୭୫ ଡବ୍ଲୁ.ପି. (ଡିଥନ ଏମ ୪୫) କୁ ପ୍ରତି ଏକର ୧.୨ ହିସାବରେ ସିଞ୍ଚନ କରନ୍ତୁ |
| କାଣ୍ଡବିନ୍ଧା ପୋକ | ବିହନ ବୁଣିବାର ୩୦ ଦିନ ପରେ, ପ୍ରତି ହେକ୍ଟରରେ ୫ ଟି କରି ଟ୍ରାଇକୋ କାର୍ଡ (ଟ୍ରାଇକୋଗ୍ରାମା ଯାପନିକମ ର ଅଣ୍ଡା ହେକ୍ଟର ପ୍ରତି ୧୦୦୦୦୦ ହିସାବରେ) ଲଗେଇବେ । ପ୍ରତି ହେକ୍ଟର ୨୦ଟି ହିସାବରେ ଫେରମୋନ ଟ୍ରାପ ଲଗାନ୍ତୁ । କ୍ଲୋରାନଟ୍ରାନିଲିପୋର ୧୮.୫% (କୋରାଜେନ) କୁ ପ୍ରତି ହେକ୍ଟର ୧୫୦ ମି.ଲି. ହିସାବରେ ସିଞ୍ଚନ କରନ୍ତୁ । |
| ଗନ୍ଧି ପୋକ | ଆବଶ୍ୟକତା ଅନୁସାରେ କ୍ଲୋରୋପାଇରିଫସ ୨୦ ଇସି(ହିଲବନ) କୁ ପ୍ରତି ହେକ୍ଟର ୧.୨୫ ଲିଟର ହିସାବରେ ସିଞ୍ଚନ କରନ୍ତୁ |
| ପୋକ ସହନଶୀଳ ଅଧିକ ଅମଳକ୍ଷମ ଧାନ କିସମ | ଅଞ୍ଜଳି, ବନ୍ଦନା, ଅଭିଷେକ |
| ବିହନ ବୁଣିବା ହାର/ ବୁଣିବା ସମୟ | ପ୍ରତି ହେକ୍ଟର ୭୦ କି.ଗ୍ରା.  ହିସାବରେ ଜୁନ ମାସ ଶେଷ ସପ୍ତାହ ସୁଦ୍ଧା ବିହନ ବୁଣନ୍ତୁ |
| ସୁସ୍ଥ ବିହନ | ଲୁଣ ପାଣି ରେ ବିହନକୁ ପକାଇଲେ ସୁସ୍ଥ ବିହନ ଗୁଡିକ ବୁଡି ଯାଇଥାଏ ଓ ଅନୁପଯୁକ୍ତ ବିହନ (ଅଗାଡି) ଗୁଡିକ ଭାସିଥାଏ ସୁସ୍ଥ ବିହନ ଗୁଡିକୁ ଲଗାଇଲେ ୯୦-୧୦୫ ଦିନିଆ ଧାନ ଗୁଡିକରେ ପତ୍ରାଛଦ ସଢା ରୋଗ କମ କରା ଯାଇପାରେ |
| ଯବକ୍ଷାରଜାନ ସାର | ବିଲ ହଳ କରିବା ସମୟରେ ପ୍ରତି ହେକ୍ଟର ୨୨ କି.ଗ୍ରା. ୟୁରିଆ, ଗଜା ବାହାରିବା ୩୦ ଦିନ ପରେ ୪୪ କି.ଗ୍ରା ୟୁରିଆ, ଓ ୪୫ ଦିନ ପରେ ୨୨ କି.ଗ୍ରା. ୟୁରିଆ ବ୍ୟବହାର କରନ୍ତୁ |



ମହିଷା ରୋଗ : ପାଇରିକୁଲାରିଆ ଓରାଇଜେ

ଏହି ପଦ୍ଧତି ଦ୍ୱାରା ଅନ୍ୟ ରୋଗ ପୋକ ନିୟନ୍ତ୍ରଣ ପ୍ରଣାଳୀ ଯଥା ସମୟ ନିର୍ଦ୍ଧାରିତ ପ୍ରଣାଳୀ ଓ ଚାଷୀ ଆଦୃତ ପ୍ରଣାଳୀ ଠାରୁ ଅଧିକ ଅମଳ ହୋଇଥିଲା । ବର୍ଷ ୨୦୧୦ ରେ ଅଞ୍ଜଳି ଧାନ ରେ, ଚାଷୀ ଆଦୃତ ପ୍ରଣାଳୀ ଠାରୁ ଆଇ.ପି.ଏମ. ପ୍ରଣାଳୀ ରେ ହୋଇଥିବା ଚାଷ ରେ ୧.୭ ଗୁଣ ଅଧିକ ଅମଳ ମିଳିଥିଲା । ସେହିଭଳି ସ୍ଥାନୀୟ ଧାନ କିସମ ରେ ଏହି ଅନୁପାତ ୨.୧ ରହିଥିଲା । ସେହିଭଳି ଭାବରେ ୨୦୧୧ ମସିହାରେ ଏହି ଅନୁପାତ ଅଞ୍ଜଳି ଓ ସ୍ଥାନୀୟ କିସମର ଯଥାକ୍ରମେ ୧.୩ ଓ ୨.୬ ରହିଥିଲା ।

ଆଇ.ପି.ଏମ. ପଦ୍ଧତି ଅବଲମ୍ବନ ଦ୍ୱାରା ଅଞ୍ଜଳି ଧାନ ଚାଷ ରେ ୭୦୭୪/- ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇ ୧୧୯୭୬/- ଟଙ୍କା ଅଧିକ ଉପାର୍ଜନ ହୋଇଥିଲା । ସେହିଭଳି ସ୍ଥାନୀୟ କିସମ ବ୍ରାଉନ ଗୋରା ରେ ୭୨୧୪/- ଅତିରିକ୍ତ ଖର୍ଚ୍ଚ ହୋଇ ୧୫୩୧୭/- ଟଙ୍କା ଅଧିକ ଉପାର୍ଜନ ହୋଇଥିଲା ।



ମହିଷା ରୋଗ ସଂକ୍ରମିତ ପତ୍ର